ଦିଲବାଗ ସିଂହ

ବନାମ

ଉତ୍ତରପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ

8, ମେ 1995

[କେ. ରାମାସ୍ୱାମୀ ଏବଂ ବି.ଏଲ. ହଂସାରିୟା, ନ୍ୟାୟମୁର୍ତ୍ତିଦ୍ୱୟ ]

*ଉତ୍ତର ପ୍ରଦେଶ ଅଣ-ବୈଷୟିକ (II ଶ୍ରେଣୀ) ସେବା (ପଦଚ୍ୟୁତ ଅଧିକାରୀଙ୍କ ପାଇଁ ପଦବୀ ସଂରକ୍ଷଣ) ନିୟମାବଳୀ, 1980:*

*ନିୟମ 5-ଅଧୀନରେ ଲାଭ-ପ୍ରୟୋଜନୀୟତା-22, ସେପ୍ଟେମ୍ବର 1974 ରେ ନିଯୁକ୍ତ ହୋଇଥିବା ଏବଂ 30, ନଭେମ୍ବର 1979 ରେ ସେବା ନିବୃତ୍ତ ଅଧିକାରୀ-1979 ମସିହାରେ ଉପ ସଂଗ୍ରାହକ ଭାବରେ ନିଯୁକ୍ତି-ଏହିପରି ଅଧିକାରୀଙ୍କ କ୍ଷେତ୍ରରେ ନିୟମ 5 ପ୍ରଯୁଜ୍ୟ କାରଣ ନିୟମ ଗୁଡିକ ପିଛିଲା ଅଟେ ।*

**ଉତ୍ତରଦାତା- ଉତ୍ତର ପ୍ରଦେଶ ରାଜ୍ୟ ଅଣ-ବୈଷୟିକ (II ଶ୍ରେଣୀ) ସେବା (ଅଚଳୀକୃତ ଅଧିକାରୀମାନଙ୍କ ପାଇଁ ପଦବୀ ସଂରକ୍ଷଣ) ନିୟମାବଳୀ, 1973 ଜାରି କରିଥିଲେ, ଯାହାକୁ ଅଗଷ୍ଟ 6,1978ରୁ ପ୍ରଭାବୀ ଭାବରେ ପ୍ରତ୍ୟାହାର କରି ନିଆଯାଇଥିଲା, କିନ୍ତୁ ପରେ 1980ରେ ପୁନର୍ବାର ଜାରି କରାଯାଇଥିଲା ଏବଂ ଏହାକୁ 6.8.1978. ରୁ ପିଛିଲା ପ୍ରଭାବ ସହିତ ଜାରି କରାଯାଇଥିଲା । ଏହି ନିୟମ 1 ନଭେମ୍ବର, 1962 ରୁ 10 ଜାନୁଆରୀ, 1968 ମଧ୍ୟରେ ସେନାକୁ ନିଯୁକ୍ତ ହୋଇଥିବା ଏବଂ 3 ଡିସେମ୍ବର, 1971 ପରେ ଯେକୌଣସି ସମୟରେ ସେବା ନିବୃତ୍ତ ହୋଇଥିବା ପ୍ରାଧିକୃତ ଅଧିକାରୀମାନଙ୍କ ପାଇଁ ପ୍ରଯୁଜ୍ୟ ଥିଲା । ଆବେଦନକାରୀ ଯିଏକି 22, ସେପ୍ଟେମ୍ବର 1974 ରେ ନିଯୁକ୍ତ ହୋଇଥିଲେ ଏବଂ ନଭେମ୍ବର 30,1979 ରେ ସେବା ନିବୃତ୍ତ ହୋଇଥିଲେ, ତାଙ୍କୁ 1979 ରେ ଉପ ସଂଗ୍ରାହକ ଭାବରେ ମନୋନୀତ କରାଯାଇଥିଲା, ସେ 1980 ନିୟମାବଳୀର ନିୟମ 5 ଅନୁଯାୟୀ 22, ସେପ୍ଟେମ୍ବର 1974 ରୁ ବରିଷ୍ଠତା ଦାବି କରିଥିଲେ କିନ୍ତୁ ଏହାକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା । ଆବେଦନ ଟି ଉଚ୍ଚ ନ୍ୟାୟାଳୟରେ ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିଲା ଏବଂ ସରକାରଙ୍କ ଦ୍ୱାରା ଏହି ଆଧାରରେ ପ୍ରତିଦ୍ୱନ୍ଦ୍ୱିତା କରାଯାଇଥିଲା ଯେ 1973ର ନିୟମାବଳୀକୁ 6, ଅଗଷ୍ଟ 1978 ରୁ ପ୍ରତ୍ୟାହାର କରାଯିବା ପରଠାରୁ ଆବେଦନକାରୀ ଏହି ସୁବିଧା ପାଇବାକୁ**

**ହକଦାର ନଥିଲେ କାରଣ ତାଙ୍କୁ 1979 ରେ ନିଯୁକ୍ତି ଦିଆଯାଇଥିଲା । ସେଥିପାଇଁ ଏହି ଆବେଦନ କରାଯାଇଛି ।**

**ଆବେଦନକୁ ଅନୁମତି ପ୍ରଦାନ କରି, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ ନେଇଥିଲେ ଯେ: ଉତ୍ତର ପ୍ରଦେଶ ଅଣ-ବୈଷୟିକ (II ଶ୍ରେଣୀ) ସେବା (ପଦଚ୍ୟୁତ ଅଧିକାରୀମାନଙ୍କ ପାଇଁ ପଦବୀ ସଂରକ୍ଷଣ) ନିୟମାବଳୀ, 1980 କୁ 6.8.1978 ରୁ ପିଛିଲା ପ୍ରଭାବ ଦିଆଯାଇଛି । ଏହା ଦ୍ୱାରା ମଧ୍ୟ 1973ର ନିୟମାବଳୀ 1980 ନିୟମାବଳୀ ନୂତନ ଭାବରେ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ କାର୍ଯ୍ୟକାରୀ ବୋଲି ବିବେଚନା କରାଯିବା ଆବଶ୍ୟକ ।** ତେଣୁ ଆବେଦନକାରୀ 1980 ନିୟମାବଳୀର ନିୟମ 5 ଅନୁଯାୟୀ ବରିଷ୍ଠତାର ଲାଭ ପାଇବାକୁ ହକଦାର ଅଟନ୍ତି ।

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 5704/1995 ।

ଆଜ୍ଞାଦେଶ ଆବେଦନ ସଂଖ୍ୟା 2469/1995 ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କର 25.04.94 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀ ପାଇଁ ପି. ପି. ରାଓ, ପ୍ରମୋଦ ଦୟାଲ ଏବଂ ସୁଶ୍ରୀ କେ. ଚୌଧୁରୀ ।

ଉତ୍ତରଦାତାମାନଙ୍କ ପାଇଁ ଡି. ଭି. ସେହଗଲ, ନଳିନ ତ୍ରିପାଠୀ ଏବଂ ଆର. ବି. ମିଶ୍ର ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ପ୍ରଦାନ କରାଗଲା ।

ଆମେ ଉଭୟ ପକ୍ଷର ଅଧିବକ୍ତାଙ୍କୁ ଶୁଣିଛୁ । ସମ୍ବିଧାନର ଅନୁଚ୍ଛେଦ 309ର ପ୍ରାବଧାନ ଅନୁଯାୟୀ ସରକାର ନିଜର କ୍ଷମତା ପ୍ରୟୋଗ କରି, ଉତ୍ତର ପ୍ରଦେଶ ଅଣ-ବୈଷୟିକ (II ଶ୍ରେଣୀ) ସେବା (ପଦଚ୍ୟୁତ ଅଧିକାରୀମାନଙ୍କ ପାଇଁ ପଦବୀ ସଂରକ୍ଷଣ) ନିୟମାବଳୀ, 1973 ଜାରି କରିଥିଲେ । 1980 ମସିହାରେ ସେହି ନିୟମଗୁଡ଼ିକୁ ପୁନର୍ବାର ଜାରି କରାଯାଇଥିଲା । ଏହି ନିୟମାବଳୀ 1 ନଭେମ୍ବର, 1962 ରୁ 10 ଜାନୁଆରୀ, 1968 ମଧ୍ୟରେ ସେନାବାହିନୀରେ ନିଯୁକ୍ତି ପାଇଥିବା ସ୍ୱଳ୍ପକାଳୀନ ପ୍ରାଧିକୃତ କିମ୍ବା ପ୍ରାଧିକୃତ ଅଧିକାରୀଙ୍କ ଭର୍ତ୍ତି; ଏବଂ 3 ଡିସେମ୍ବର, 1971 ରେ ଏବଂ ତା 'ପରେ ଯେକୌଣସି ସମୟରେ ମୁକ୍ତ ହୋଇଥିବା ଅଧିକାରୀଙ୍କ ପାଇଁ ଲାଗୁ ହେବ ।

ସ୍ୱୀକାରଯୋଗ୍ୟ, ଆବେଦନକାରୀଙ୍କୁ 22, ସେପ୍ଟେମ୍ବର 1974 ରେ ନିଯୁକ୍ତ କରାଯାଇଥିଲା ଏବଂ 30, ନଭେମ୍ବର 1979 ରେ ସେବା ନିବୃତ କରାଯାଇଥିଲା । 1979 ମସିହା ମେ 2 ତାରିଖରେ ଉପ ଜିଲ୍ଲାପାଳ ନିଯୁକ୍ତି ପାଇଁ ବିଜ୍ଞାପନ ଦିଆଯାଇଥିଲା । ଆବେଦନକାରୀ ଆବେଦନ କରିଥିଲେ ଏବଂ ତାଙ୍କୁ ଉପ ଜିଲ୍ଲାପାଳ ଭାବେ ଚୟନ କରାଯାଇଥିଲା । ସେ 1980 ନିୟମବଳୀର ନିୟମ 5 ଅନୁଯାୟୀ 22, ସେପ୍ଟେମ୍ବର 1974 ରୁ ବରିଷ୍ଠତା ମାଗିଥିଲେ । ଯେହେତୁ ଏହା ଦିଆଯାଇ ନଥିଲା, ସେ ଆଜ୍ଞାଦେଶ ଆବେଦନ ସଂଖ୍ୟା 2469/89 ଦାଖଲ କରିଥିଲେ ଏବଂ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟ 1994 ମସିହା ଏପ୍ରିଲ 25 ତାରିଖରେ ଆଜ୍ଞାଦେଶ ଆବେଦନକୁ ଖାରଜ କରିଦେଇଥିଲେ । ତେଣୁ ବିଶେଷ ଅନୁମତି ଦ୍ୱାରା ଏହି ଆବେଦନ ।

ଏହା ବିବାଦରେ ନାହିଁ ଯେ ଏହି ନିୟମାବଳୀକୁ ପିଛିଲା ପ୍ରଭାବ ଦିଆଯାଇଛି ଏବଂ ତେଣୁ, ଆବେଦନକାରୀ 1980 ନିୟମାବଳୀର ନିୟମ 5 ଅନୁଯାୟୀ ବରିଷ୍ଠତାର ଲାଭ ପାଇବାକୁ ହକଦାର । ଉଚ୍ଚ ନ୍ୟାୟାଳୟରେ ଏହା ଯୁକ୍ତି କରାଯାଇଥିଲା ଯେ 1973 ନିୟମାବଳୀ 6, ଅଗଷ୍ଟ1978 ରୁ ପ୍ରତ୍ୟାହାର କରାଯାଇଥିଲା, ଆବେଦନକାରୀ 1979 ରେ ନିଯୁକ୍ତି ସମୟରେ ଏହି ସୁବିଧା ପାଇବାକୁ ହକଦାର ନୁହଁନ୍ତି । ଏହା ସ୍ପଷ୍ଟତଃ ସରକାରଙ୍କ ଦ୍ୱାରା ନିଆଯାଇଥିବା ଏକ ଭୁଲ ଆଭିମୁଖ୍ୟ ବୋଲି ପ୍ରତୀୟମାନ , ଯେହେତୁ 1980 ନିୟମାବଳୀକୁ 6.8.1978ରୁ ପିଛିଲା ପ୍ରଭାବ ଦିଆଯାଇଛି । ଏଥିପାଇଁ 1973 ନିୟମାବଳୀ, 1980 ନିୟମାବଳୀ ନୂତନ ଭାବରେ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ କାର୍ଯ୍ୟକାରୀ ବୋଲି ବିବେଚନା କରାଯିବା ଆବଶ୍ୟକ । ସ୍ମାରକପତ୍ର ଅନୁଯାୟୀ, ପରିଶିଷ୍ଟ II, ଯାହା ବର୍ତ୍ତମାନ ରେକର୍ଡର ଅଂଶବିଶେଷ ହୋଇଛି, ଏଥିରେ ସରକାର ସ୍ପଷ୍ଟ କରିଛନ୍ତି ଯେ ସଂରକ୍ଷଣ ବ୍ୟତୀତ ସମସ୍ତ ସୁବିଧା, 6 ଅଗଷ୍ଟ, 1978 ରୁ ପ୍ରଭାବୀ ଭାବରେ ଜାରି ହୋଇଥିବା ଅଧିସୂଚନା ଦ୍ୱାରା ପ୍ରତ୍ୟାହାର କରାଯାଇଥିଲା ।

ଅନ୍ୟ ଅର୍ଥରେ କହିଲେ, ଶାସନାନ୍ତରାଳରେ ମଧ୍ୟ ସଂରକ୍ଷଣର ଅଧିକାର ବଜାୟ ରଖାଯାଇଥିଲା । ତଦନୁସାରେ, ଆବେଦନକାରୀ 1980 ନିୟମାବଳୀ ଅନୁଯାୟୀ ବରିଷ୍ଠତା ପାଇବାକୁ ହକଦାର ।

ତଦନୁସାରେ ସମସ୍ତ ଆନୁସଙ୍ଗିକ ଲାଭ ସହିତ ଆବେଦନକୁ ଅନୁମତି ଦିଆଯାଇଛି । କୌଣସି ଖର୍ଚ୍ଚ ରହିବ ନାହିଁ ।

ଟି. ଏନ୍. ଏ. ଆବେଦନକୁ ଅନୁମତି ଦିଆଗଲା ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।